## ସଂକ୍ଷେପରେ

### ପୁଣି ୧୦ ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ,୫।୯:** ରବିବାର ରିପୋର୍ଟ ଅନୁଯାୟୀ ନୟାଗଡ଼ ଜିଲାରୁ ପୁଣି ୧୦ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେଥିମଧ୍ୟରୁ ଭାପୁର, ରଣପୁର ଓ ଗଣିଆ ବ୍ଲକରୁ ଜଣେ ଲେଖାଏଁ ୩, ନୟାଗଡ଼ ସହରରୁ ୭ ଜଣ ଅଛନ୍ତି । ଏହି ସଂଖ୍ୟାକୁ ମିଶାଇ ୨ୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬ ହଜାର ୨୬୭ରେ ପହଞ୍ଚିଛି। ସୂଚନାଯୋଗ୍ୟ, କରୋନାର ପ୍ରଥମ ଓ ୨ୟ ଲହର ନୟାଗଡ଼ ଜିଲାରୁ ୨୦୪ ଜଣଙ୍କ ଜୀବନ ନେଇ ସାରିଛି ।

### ବ୍ଲକ୍ ଶିକ୍ଷାଧିକାରୀଙ୍କ ପୋଷ୍ୟ ବିଦ୍ୟାଳୟ

**ଖଣ୍ଡପଡ଼ା,୫।୯(ସ୍ୱ.ପ୍ର.):** ୧୯୮୩ରେ ସ୍ଥାପିତ ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମସ୍ଥିତ ଗୋକୁଳାନନ୍ଦଜୀଉ ବିଦ୍ୟାମନ୍ଦିରକୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିଛନ୍ତି ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ ପ୍ରତାପ କିଶୋର ପଟ୍ଟନାୟକ । ପଟ୍ଟନାୟକ ଗତ ୩ ତାରିଖରେ ବ୍ଲକ ଶିକ୍ଷାଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କର ଏହି ପଦକ୍ଷେପକୁ ସମଗ୍ର ସିଧାମୂଳା ପଞ୍ଚାୟତବାସୀ ସ୍ୱାଗତ କରିଛନ୍ତି ।

### ଗୁରୁ ସମ୍ବର୍ଦ୍ଧନା ଉତ୍ସବ

**ନୟାଗଡ଼ ଅଫିସ,୫।୯:** ନୟାଗଡ଼ ବ୍ଲକ ଇଟାମାଟି ପଞ୍ଚାୟତ ଆନୁକୂଲ୍ୟରେ ସ୍ଥାନୀୟ ନାରାୟଣୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ରବିବାର ଗୁରୁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଇଟାମାଟି ସରପଞ୍ଚ ସୋନାଲିକା ମଟ୍ଟନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉତ୍ସବରେ ସାହିତ୍ୟ ଏକାଡେମୀର ସଦସ୍ୟ ଅଶୋକ କୁମାର ନାଏକ ସଭାପତିତ୍ୱ କରିଥିଲେ । ଅତିଥି ରୂପେ ସମିତି ସଭ୍ୟା ବବିତାରାଣୀ ଜେନା, ଶରତ ଚନ୍ଦ୍ର ସାହୁ, ଅଜିତ୍ ପ୍ରସାଦ ସାହୁ, ଜଗନ୍ନାଥ ଦାସ, ଶରତ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇ ଗୁରୁ ଶିଷ୍ୟ ପରମ୍ପରା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

### ଖଣ୍ଡପଡ଼ା ଓଷ୍ଟା ପକ୍ଷରୁ ଗୁରୁଦିବସ ପାଳିତ

**ଖଣ୍ଡପଡ଼ା,୫।୯(ସ୍ୱ.ପ୍ର.) :** ଖଳିସାହି ଶ୍ରୀ ନୀଳକଣ୍ଠେଶ୍ୱର ଦେବ ବାଳିକା ଉଚ୍ଚ ବିଦ୍ୟାଳୟରେ ଓଷ୍ଟା ପକ୍ଷରୁ ଗୁରୁ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ଦେଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ବିଶ୍ୱନାଥ ମହାପାତ୍ର, ମୁଖ୍ୟବକ୍ତା ଭାବେ ନୟାଗଡ଼ ଜିଲା ଓଷ୍ଟାର ପ୍ରାକ୍ତନ ସମ୍ପାଦକ କିଶୋରଚନ୍ଦ୍ର ପରମଗୁରୁ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ନୟାଗଡ଼ ଜିଲା ଓଷ୍ଟାର ସଭାପତି ଅଯୋଦ୍ଧାନାଥ ନାୟକ, ଯୁଗ୍ମ ସମ୍ପାଦକ ପରମାନନ୍ଦ ଦଳାଇ ଓ ପ୍ରଧାନ ଶିକ୍ଷକ ରଶ୍ମୀ ରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇଥିଲେ । ସେହିପରି ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁ ଦିବସ ପାଳିତ ହୋଇଥିଲା ।

### ଗୁରୁ ବନ୍ଦନା ଉତ୍ସବ

**ଖଣ୍ଡପଡ଼ା,୫।୯(ସ୍ୱ.ପ୍ର.):** ରବିବାର ଗୁରୁ ଦିବସ ଅବସରରେ କଳାପଥରସ୍ଥିତ ପ୍ରଭୁପସନ୍ଦ ଭବନ ପରିସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁରୁ ବନ୍ଦନା ଓ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ଉତ୍ସ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାକୁମାରୀ ଆଶ୍ରମର ପରିଚାଳିକା ଯାଜ୍ଞସେନୀ ଭଉଣୀଙ୍କ ସଞ୍ଚାଳନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାହୁ, ମୁଖ୍ୟବକ୍ତା କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ପ୍ରାଧାପକ ଡ. ପବିତ୍ର କୁମାର ସୁବୁଦ୍ଧି, ସମ୍ମାନିତ ଅତିଥି ଭାବେ ପ୍ରଭାକର ଶିରୋମଣୀ, ସଦାଶିବ ପଣ୍ଡା ଓ ହରି ଶଙ୍କର ପ୍ରସାଦ ପ୍ରମୁଖ ଯୋଗଦେଇ ଗୁରୁ ଦିବସର ଅନୁଚିନ୍ତା ଉପରେ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୨୦ ବରିଷ୍ଠ ନାଗରିକଙ୍କୁ ମାନପତ୍ର ସହ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

### ତ୍ରିନାଥ ଦେବଙ୍କ ବାର୍ଷିକ ଉତ୍ସବ

**ଖଣ୍ଡପଡ଼ା,୫।୯(ସ୍ୱ.ପ୍ର.):** ରବିବାର ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠରେ ତ୍ରିନାଥ ଦେବଙ୍କ ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ପୂର୍ବାହ୍ନରେ ଶ୍ରଦ୍ଧାଳୁମାନେ ପାଣି ତୋଳିବା ପରେ ଆନୁଷ୍ଠାନିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସୂର୍ଯ୍ୟପୂଜା ପରେ ଠାକୁରଙ୍କ ହୋମ ଯଜ୍ଞ ଶେଷ ହୋଇଥିଲା । ଏହି ଅବସରରେ ବାଦୀ ସଂକୀର୍ତ୍ତନ ଓ ନଦୀଆ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ମର୍ଦ୍ଦରାଜପୁର ଗ୍ରାମବାସୀ ଓ କାର୍ଯ୍ୟଗ୍ରାହୀ ଅରୁଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ୬ଟାରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା ।

# କ୍ଲିନିକ୍ ସିଲ୍ କରି ଚୁପ୍ ବସିଛି ପ୍ରଶାସନ



- ବିନା ପଞ୍ଜୀକରଣରେ ଚାଲିଥିଲା
- ମାଲିକଙ୍କ ପ୍ରତି ଅନୁକମ୍ପା
- ସ୍ୱାସ୍ଥ୍ୟ ବିଭାଗର ଅପାରଗତା ପଦାରେ ପଡ଼ିଲା

**ନୟାଗଡ଼ ଅଫିସ, ୫।୯**

ପଞ୍ଜୀକରଣ ନ ଥାଇ ନୟାଗଡ଼ ଜିଲା ଖଣ୍ଡପଡ଼ା ସହରର ସ୍ୱାସ୍ଥ୍ୟକେନ୍ଦ୍ର ଛକ ନିକଟରେ ବାଲାଜୀ କ୍ଲିନିକ୍ ପ୍ରାୟ ୮ମାସ ହେଲା ବେଆଇନ ଭାବେ ଚାଲୁ ଥିଲା । ହେଲେ ସେହି କ୍ଲିନିକ୍ ଉପରେ ଚଢ଼ାଉ କରାଯାଉ ନ ଥିଲା । କିନ୍ତୁ ନୟାଗଡ଼ରେ ଭ୍ରୂଣ ହତ୍ୟା ଓ ନକଲି ଡାକ୍ତର ଧରାପଡିବା ଘଟଣା ସାମ୍ନାକୁ ଆସିବା ପରେ ପ୍ରଶାସନର ମୁଣ୍ଡବ୍ୟଥା ବଢ଼ିଥିଲା । ଚେଇଁ ଶୋଇଥିବା ସ୍ୱାସ୍ଥ୍ୟ ବିଭାଗ ଧରପଗଡ଼କୁ ତ୍ୱରାନ୍ୱିତ କରିଥିଲା। ଏଭଳି ସ୍ଥଳେ ଶନିବାର ବାଲାଜୀ କ୍ଲିନିକ୍ କୁ ସିଲ୍ କରି ଦାୟିତ୍ୱ ଶେଷ କରିଛି ସ୍ୱାସ୍ଥ୍ୟ ବିଭାଗ। ସିଲ୍ ପରେ ପ୍ରଶ୍ନ ଉଠୁଛି କ୍ଲିନିକ୍ ମାଲିକ ତ୍ରିନାଥ ବାରିକଙ୍କ ପ୍ରାୟ ୮ମାସ ତଳେ ପରଲୋକ ଘଟିଥିଲା । କୌଣସି କ୍ଲିନିକ୍ ମାଲିକଙ୍କ ପରଲୋକ ଘଟିଲେ ଆପେ ଆପେ ପଞ୍ଜୀକରଣ ଅକାମୀ ହୋଇ ପଡେ । ହେଲେ ନୂଆ ପଞ୍ଜୀକରଣ କରାଯାଇ ନ ଥିଲା ।

ପଞ୍ଜୀକରଣ ନ ଥାଇ ରୋଗୀଙ୍କ ଜୀବନ ସହ କ୍ଲିନିକ୍ କର୍ତ୍ତୃପକ୍ଷ ଖେଳ ଖେଳୁଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ନୀରବ ରହିଥିଲା। ଅନ୍ୟପକ୍ଷେ ବେଆଇନ କ୍ଲିନିକ୍ ଚଳାଇଥିବା ବ୍ୟକ୍ତିମାନଙ୍କୁ ଠାବ କରିବା ଉପରେ ଏବେ ବିଭିନ୍ନ ମହଲରେ ଦାବି କରାଯାଇଛି । ବେଆଇନ କ୍ଲିନିକ୍ ଚାଲୁ ରଖିଥିବା ବ୍ୟକ୍ତିଙ୍କ ପ୍ରତି ବିଭାଗୀୟ କର୍ମଚାରୀମାନେ ଅନୁକମ୍ପା ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି । ଯଦି ନୟାଗଡ଼ରେ ଭ୍ରୂଣହତ୍ୟା ଓ ନକଲି ଡାକ୍ତରଙ୍କ ପରି ଦୁଇ ପ୍ରସଙ୍ଗ ସାମ୍ନାକୁ ଆସି ନ ଥାନ୍ତା,ତେବେ ଖଣ୍ଡପଡ଼ା କ୍ଲିନିକ୍ ସିଲ୍ ହୋଇ ନ ଥାନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି । କ୍ଲିନିକ୍ ପ୍ରତି ସ୍ୱାସ୍ଥ୍ୟ ବିଭାଗର ଏହି ଅନୁକମ୍ପାକୁ ସାଧାରଣରେ ସମାଲୋଚନା କରାଯାଇଛି। ବେଆଇନ ଭାବେ କ୍ଲିନିକ୍ ଚାଲୁ ରଖିଥିବା ବ୍ୟକ୍ତିଙ୍କ ବିରୋରେ କାର୍ଯ୍ୟାନୁଷ୍ଠାନ ନେଇ ଅତିରିକ୍ତ ଚିକିତ୍ସାଧିକାରୀ (ପରିବାର କଲ୍ୟାଣ) ସୁବାସ ଚନ୍ଦ୍ର ନାୟକ କୁହନ୍ତି, ଏ ସଂକ୍ରାନ୍ତରେ ସିଡିଏମ୍‌ଓଙ୍କୁ ଅବଗତ କରାଯିବ। ସିଡିଏମ୍‌ଓ ଯାହା ପଦକ୍ଷେପ ନେବେ।

## ନିର୍ଦ୍ଦେଶ ମାନୁନାହାନ୍ତି ଘରୋଇ ହସ୍ପିଟାଲ

**ନୟାଗଡ଼ ଅଫିସ,୫।୯**

ନୟାଗଡ଼ ଜିଲାରେ ୧୪ଟି ଘରୋଇ ହସ୍ପିଟାଲ ସରକାରୀ ସ୍ୱୀକୃତି ପାଇଥିଲା । ନୟାଗଡ଼ର ଆଦିତ୍ୟ ହସ୍ପିଟାଲ ଆଣ୍ଡ କ୍ଲିନିକ୍ ଓ ଖଣ୍ଡପଡ଼ାର ବାଲାଜୀ କ୍ଲିନିକ୍ ସିଲ୍ ହେବା ପରେ ଜିଲାରେ ୧୨ଟି ପଞ୍ଜିକୃତ ଘରୋଇ ହସ୍ପିଟାଲ ରହିଛି । ତେବେ ଅଧିକାଂଶ ଘରୋଇ ହସ୍ପିଟାଲ ସରକାରୀ ନିର୍ଦ୍ଦେଶକୁ ମାନୁ ନାହାନ୍ତି। ହେଲେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଘରୋଇ ହସ୍ପିଟାଲରେ ଇନ୍‌ଡୋର ରେଜିଷ୍ଟର, ଆଉଟ୍ ଗୋଇଙ୍ଗ ରେଜିଷ୍ଟର, ଅପରେଶନ ଥିଏଟର ରେଜିଷ୍ଟର, ଘରୋଇ ହସ୍ପିଟାଲକୁ ଆସୁଥିବା ଡାକ୍ତରଙ୍କ ନାଁ ଓ ଡାକ୍ତର କେତେ ଟଙ୍କା ଫିସ୍ ନେଉଛନ୍ତି ସେନେଇ ରେଜିଷ୍ଟର କରି ଲିପିବଦ୍ଧ କରିବାକୁ ନିର୍ଦ୍ଦେଶ ରହିଛି । କିନ୍ତୁ ଏହି ନିୟମ ଶୀତଳଭଣ୍ଡାରରେ ପଡିଛି। ଏଣୁ ଭ୍ରୂଣ ହତ୍ୟା, ନକଲି ଡାକ୍ତର ପରି ପ୍ରସଙ୍ଗକୁ ରୋକ୍ ଲଗା ଯାଇପାରୁନାହିଁ। ସରକାରୀ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଉଥିଲେ ଭ୍ରୂଣ ହତ୍ୟା, ନକଲି ଡାକ୍ତର ପରି ଘଟଣା ଘଟିବ ନାହିଁ ବୋଲି ମତ ପ୍ରକାଶ ପାଉଛି।

ଏନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶକ୍ତି ପ୍ରସାଦ ମିଶ୍ରଙ୍କୁ ପଚାରିବାରୁ ସେ କୁହନ୍ତି, ଭଲ ସେବା ଯୋଗାଇବାକୁ ଘରୋଇ ହସ୍ପିଟାଲରେ ଇନ୍‌ଡୋର ରେଜିଷ୍ଟର, ଆଉଟ୍ ଗୋଇଙ୍ଗ ରେଜିଷ୍ଟର, ଅପରେଶନ ଥିଏଟର ରେଜିଷ୍ଟର, ଘରୋଇ ହସ୍ପିଟାଲକୁ ଆସୁଥିବା ଡାକ୍ତରଙ୍କ ନାଁ ଓ ଡାକ୍ତର କେତେ ଟଙ୍କା ଫିସ୍ ନେଉଛନ୍ତି ସେନେଇ ରେଜିଷ୍ଟର କରି ଲିପିବଦ୍ଧ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ନିର୍ଦ୍ଦେଶକୁ କଡ଼ାକଡି କରାଯିବାକୁ କୁହାଯାଇଛି । ଏଥିରେ ବ୍ୟତିକ୍ରମ ହେଲେ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରାଯାଇଛି।

# ନୂତନ ମୂଲ୍ୟାୟନ ପଦ୍ଧତିକୁ ନେଇ ଶୈକ୍ଷିକ କର୍ମଶାଳା




କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ।

**ଖଣ୍ଡପଡ଼ା,୫।୯(ସ୍ୱ.ପ୍ର.)**

ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ସଭାଗୃହରେ ନୂତନ ମୂଲ୍ୟାୟନ ପଦ୍ଧତିକୁ ନେଇ ଏକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କର୍ମଶାଳାରେ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ସାହୁ ପୌରୋହିତ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରତାପ କିଶୋର ପଟ୍ଟନାୟକ ଓ ସାଧନକର୍ମୀ ତଥା ନୟାଗଡ଼ ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇ ୯ମ ଓ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ୨୦୨୧-୨୨ ଶିକ୍ଷା ବର୍ଷର ନୂତନ ମୂଲ୍ୟାୟନ ପଦ୍ଧତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ଏହି କର୍ମଶାଳାରେ ଭାପୁର ଓ ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ୪୮ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗଦେଇଥିଲେ। ବରିଷ୍ଠ ଶିକ୍ଷକ ନକୁଳ ଖୁଣ୍ଟିଆ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଦିଲ୍ଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସିପିଏମ୍‌ର କଜଳାଇପଲ୍ଲୀ ଶାଖା ସମ୍ମିଳନୀ




ସମ୍ମିଳନୀରେ ଯୋଗଦେଇଥିବା ସିପିଏମ୍ ନେତା ଓ କର୍ମୀମାନେ ।

**ନୟାଗଡ଼ ଅଫିସ,୫।୯**

ସିପିଏମ୍ ପକ୍ଷରୁ କଜଳାଇପଲ୍ଲୀ ଶାଖା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି । ଗୋଲକ ବିହାରୀ ମୁଦୁଲି ପତାକା ଉତ୍ତୋଳନ କରି ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପବିତ୍ର ଇନ୍ଦ୍ରଜିତ୍, ବଳରାମ ମହାରଣା ଯୋଗ ଦେଇ ଚାଷୀ ଆନ୍ଦୋଳନକୁ ସମର୍ଥନ କରିଥିଲେ । ଶିକ୍ଷାର ଘରୋଇକରଣରେ ନୂତନ ଶିକ୍ଷାନୀତି-୨୦୨୦ ଓ ବିଦ୍ୟୁତ୍‌ର ଘରୋଇକରଣକୁ ବିରୋଧ କରାଯାଇଥିଲା । ଶ୍ରମିକ ବିରୋଧି ଆଇନର ବାତିଲ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ଅବସରରେ ବଳରାମ ମହାରଣା ସମ୍ପାଦକ ଭାବେ ନିର୍ବାଚିତ ହୋଇ ଦାୟିତ୍ୱ ଗ୍ରହଣ କରିଥିଲେ ।

## ବିଦାୟକାଳୀନ ସମ୍ବର୍ଦ୍ଧନା

**ଖଣ୍ଡପଡ଼ା,୫।୯(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ସିଧାମୂଳା ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିରର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହରିହର ଗୋଛି ପଦୋନ୍ନତି ପାଇ ପ୍ରଧାନଶିକ୍ଷକ ଭାବେ ବେଣାଗାଡ଼ିଆ ସାତଗାଁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟରେ ଅବସ୍ଥାପିତ ହୋଇଛନ୍ତି । ଏହି ଅବସରରେ ଗୋଛିଙ୍କୁ ଅନୁଷ୍ଠାନ ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ ପ୍ରତାପ କିଶୋର ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ କିଶୋର ଚନ୍ଦ୍ର ପରମଗୁରୁ ଓ ସମ୍ମାନୀତ ଅତିଥି ଭାବେ ଶିକ୍ଷୟିତ୍ରୀ ବାସନ୍ତୀ ପଣ୍ଡା,ଶିକ୍ଷାବିତ୍ ରବିନ୍ଦ୍ରନାଥ ମହାପାତ୍ର, ଭରତ ପ୍ରଧାନ, ପ୍ରଧାନଶିକ୍ଷକ ଅଯୋଦ୍ଧାନାଥ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିଦାୟୀ ପ୍ରଧାନ ଶିକ୍ଷକ ଗୋଛି ଓ ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରସନ୍ନ କୁମାର ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।



ଜବତ ମଦ, ଗିରଫ ୩ ଅଭିଯୁକ୍ତ।

## କାର୍ ସହ ୨୬୦ ଲିଟର ଦେଶୀ ମଦ ଜବତ

**ନୟାଗଡ଼ ଅଫିସ,୫।୯**

ନୟାଗଡ଼ ଟାଉନ ଥାନା ପୋଲିସ ଖଣ୍ଡପଡ଼ା ରୋଡରୁ ଏକ କାର ସହ ୨୬୦ ଲିଟର ଦେଶୀ ମଦ ଜବତ କରିଛି। ଏହି ଘଟଣାରେ ବୌଦ୍ଧ ଜିଲା ପୁରୁଣା କଟକ ଥାନା ଅଦେନିଗଡର ମୁନା ବାଘ(୨୨), ମୁକ୍ତିକାନ୍ତ ସାହୁ(୩୭) ଓ ସୁନୀଲ ମୁଖି(୨୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଜାମିନ ନାମଞ୍ଜୁର ପରେ ୩ ଅଭିଯୁକ୍ତଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଜବତ କାରରୁ ୨୦୦ ଏମ୍‌ଏଲ୍‌ର ୧୦୨୫ ପାଉଚ୍ ଓ ଗାଡି ଟିଉବରେ ୬୦ ଲିଟର ମଦ ଜବତ କରାଯାଇଛି। ଏନେଇ ଏକ ମାମଲା(ନଂ.୧୮୭/୨୧) ରୁଜୁ ହୋଇଛି ।

# ଓଡ଼ିଶୀ ଶୈଳୀର ବିକାଶ ଦିଗରେ ଏକାମ୍ର ଥିଲା ପରୀକ୍ଷାଗାର

**ଐତିହ୍ୟର ଓଡ଼ିଶା**

**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଆମେ ପୂର୍ବରୁ ଆଲେଖ୍ୟରେ ବିଚାର କରିଥିଲେ ଗୋଟିଏ ଜାତି ପଥର ଶିଳ୍ପକଳାର ଶୀର୍ଷ ସ୍ଥାନରେ ପହଞ୍ଚିବା ଆଗରୁ କେତେ ଯେ ପରୀକ୍ଷା ନିରୀକ୍ଷା ଦେଇ ବିକାଶ ପଥରେ ଆଗେଇଥିବ, କଳ୍ପନା କରିବା ସମ୍ଭବ ନୁହେଁ। ଶିଳ୍ପୀର ସେ ଦୀର୍ଘଯାତ୍ରା ଆଜି ଆମେ ଚର୍ଚ୍ଚା ପରିସରକୁ ଆଣୁଛେ ଏଇଥି ପାଇଁ ଯେ ଯୋଉ ପଣ୍ଡିତମାନେ ଲେଖିଗଲେ ଓଡ଼ିଆ ଶିଳ୍ପୀ ଏପରି ମନ୍ଦିର ଗଢ଼ି ନ ଥିବେ, ଗଢ଼ିବା ସମ୍ଭବ ନୁହେଁ, ସେଇମାନଙ୍କୁ ବିକାଶପଥର ଐତିହ୍ୟର ଏକ ଚିତ୍ର ଦେବା। ନିଜେ ବି ହେଜିବା।

ଦୁର୍ଗାଚରଣ ପଣ୍ଡା ଏକ ନିଚ୍ଛକ ପ୍ରତିଛବି ଶିଳ୍ପୀଙ୍କର ଦୀର୍ଘ ବିକାଶଯାତ୍ରାର ଆଙ୍କିଛନ୍ତି। ସେ ସ୍ପଷ୍ଟ କରିଛନ୍ତି xxx ଖ୍ରୀ.ପୂ. ୨ୟ ଶତାବ୍ଦୀରୁ ଦୀର୍ଘ ୧୫୦୦ ବର୍ଷ ଧାରାବାହିକ ଭାବେ ଏକାମ୍ର କ୍ଷେତ୍ରରେ, ପ୍ରତ୍ୟେକ ଶତାବ୍ଦୀରେ କୌଣସି ନା କୌଣସି ମନ୍ଦିର ନିର୍ମିତ ହୋଇଆସିଛି। xxx ମନ୍ଦିର ନିର୍ମାଣର ଅଙ୍କୁରୋଦ୍‌ଗମଠାରୁ ଚରମ ବିକାଶଧାରାର ଅଧ୍ୟୟନ ନିମନ୍ତେ ମନ୍ଦିରନଗରୀ ଭୁବନେଶ୍ୱର ଏକ ଅପୂର୍ବ ସ୍ଥାନ। (ତତ୍ରୈବ)।

ବାସ୍ତବରେ କେତେ ଯେ ଛୋଟଛୋଟ ମନ୍ଦିର ଗଢ଼ାହୋଇଥିବ, କେତେ ଶାସ୍ତ୍ରୀୟଶୈଳୀ ଆପଣେଇ ନେବାକୁ ପଡ଼ିଥିବ, କେତେ ନୂଆ ଶୈଳୀ, ନୂଆ ମାପ ତା' ମଧ୍ୟରେ ଯୋଗ ହୋଇଥିବ ତା'ର ଇତିହାସ ନ ମିଳିଲେ ମଧ୍ୟ, ଗୋଟିଏ କଥା ମିଳେ ଶାସ୍ତ୍ରୀୟଧାରାରୁ ମୁକ୍ତ ହୋଇ ଆବଶ୍ୟକ ଅନୁଯାୟୀ ଯେତେବେଳେ ବିଚାର ବିମର୍ଶ କରି ଓଡ଼ିଆ ସ୍ଥପତି ନୂତନ ଶୈଳୀ ଖଞ୍ଜିଥିବେ ସେତେବେଳେ ତାକୁ ତାଳପତ୍ର ପୋଥିରେ ଲେଖିଥିବେ। ତାହା ହିଁ ଓଡ଼ିଶାର ନିଜସ୍ୱ ଶିଳ୍ପଶାସ୍ତ୍ର ହୋଇଯାଇଛି। ସେଇ ନୂତନ କୌଶଳ, ନୂତନ ପରିପାଟୀ ହୋଇଯାଇଛି ଓଡ଼ିଶୀ ଶୈଳୀ। କେବେ କଳିଙ୍ଗଶୈଳୀ ରୂପେ ପରିଚିତ ହୋଇଛି ତ କେବେ ଉତ୍କଳ ଶୈଳୀ ରୂପେ। ଏବେ ଆମେ ସାତୋଟିଯାକ ସାମ୍ରାଜ୍ୟର ଶୈଳୀକୁ କହିପାରିବା 'ଓଡ଼ିଶୀ ଶୈଳୀ'।

ମନ୍ଦିରଟି ଆରମ୍ଭ କରିବାଠାରୁ ଦେବତାଙ୍କୁ ପ୍ରତିଷ୍ଠା କରି ଉପାସନା ଆରମ୍ଭ ପର୍ଯ୍ୟନ୍ତ ୮ଟି ପର୍ଯ୍ୟାୟ ଦେଇ ଗତି କରିବାକୁ ପଡ଼େ। ବଡ଼ମନ୍ଦିରଟିଏ ଗଢ଼ିବା ପୂର୍ବରୁ ତା'ର ପ୍ରତିକୃତି ଛୋଟ ମନ୍ଦିରଟିଏ ପ୍ରଥମେ ଗଢ଼ା ହୋଇଥିବ। ତାହା ହିଁ ହୋଇଥିଲା କୋଣାର୍କଠାରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ହେବା ପୂର୍ବରୁ। ଚାରି ସ୍ଥାନରେ ରହୁଥିଲେ ଶିଳ୍ପୀ। ରହୁଥିବା ସ୍ଥାନରେ ମୁଖ୍ୟମନ୍ଦିରର ବିଭିନ୍ନ ଦୃଷ୍ଟିକୋଣକୁ ବିଚାର କରି ପ୍ରତିକୃତି ମନ୍ଦିର ଗଢ଼ାଯାଇଥିଲା। ଚଉରାଶି ଗ୍ରାମରେ କୋଣାଦିତ୍ୟଠାରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣର ଦେଢ଼ଶହ ବର୍ଷ ପୂର୍ବରୁ ବାରାହୀ ଦେବୀଙ୍କ ମନ୍ଦିର ନିର୍ମାଣ ହୋଇସାରିଥିଲା। ଏଠାରେ ୩୦୦ ମହାରଣା ରହିଥିଲେ। ତେଣୁ ଏହି ମନ୍ଦିର ବଢ଼େଇ ମନ୍ଦିର ଭାବରେ ମଧ୍ୟ ପ୍ରସିଦ୍ଧ ହୋଇଯାଇଥିଲା। ଦୁଇଟି ମନ୍ଦିର ଦେଖିହେଉଛି। ଆଉ ଦୁଇଟି ଅଧାଭଙ୍ଗା ହୋଇ ଧ୍ୱଂସପଥରେ ଆଗେଇ ଚାଲିଛି। 'ଗୋପ' ନିକଟରେ ରହିଛି କିଲ୍ଲା ବୟାଳିଶ ବାଟି।



ଗଡ଼ରୂପାସର ଉପାସ୍ୟା ଦେବୀ ବଡ଼ତାରା।

ସେଇ ମନ୍ଦିରର ମଧ୍ୟ ମୁଣ୍ଡି ମରାଯାଇଥିଲା କି ନା ଜଣା ପଡୁନାହିଁ। ଦଧିନଉତି ଉପରକୁ ନାହିଁ। ଏହି ମନ୍ଦିରର ନିର୍ମାଣ ପାଇଁ ଗଙ୍ଗା ମହାପାତ୍ରଙ୍କ ଆଦେଶରେ ପଥରସବୁ ୧୨ଟି ଶଗଡ଼ରେ ବୈୟାଳିଶ ବାଟିକୁ ପ୍ରଥମେ ଆସିଥିଲା। ଭିତ୍ତିଭୂମି ସ୍ଥିର କରି ମାପଚୁପ କରିଥିଲେ ସୂତ୍ରଧର (ସଦାଶିବ ସାମନ୍ତରାୟ ମହାପାତ୍ର)ଙ୍କ ପୁତ୍ର ଧର୍ମ ମହାପାତ୍ର। ସେଇ ଧର୍ମପଦ ଇୟେ; ଯାହାଙ୍କୁ ନେଇ ଅସରନ୍ତି କିମ୍ବଦନ୍ତୀ, ଶେଷହୀନ ଜନଶ୍ରୁତି। ସେ ହାତୀରେ ବସି କୋଣାଦିତ୍ୟରୁ ଆସିଥିଲେ କିଲ୍ଲା ବୟାଳିଶ ବାଟିକୁ। ପୋଥିର ୪୯ ପତ୍ର କଥା ଇୟେ। କିନ୍ତୁ ଆମେ ତାଙ୍କୁ ଜନଶ୍ରୁତିରେ ମାରିଦେଇଛେ।

ମାପଚୁପ ଦେବାପରେ କିଲ୍ଲା ବୟାଳିଶ ବାଟି ଆସ୍ଥାନରେ ତିନିଶହ ବିଶ୍ୱକର୍ମା ଗଢ଼ିଥିଲେ ଦେବୀ ଗଙ୍ଗେଶ୍ୱରୀଙ୍କ ମନ୍ଦିର। ମା' ଗଙ୍ଗେଶ୍ୱରୀ ଥିଲେ ଶକ୍ତି ପ୍ରଦାୟିନୀ। ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ପୂର୍ବରୁ ଗଢ଼ାସରିଥିଲା ଏଇ ମନ୍ଦିର। ଏଇ କିଲ୍ଲାର ଭ୍ରମରବର ହରିଚନ୍ଦନଙ୍କୁ ଆମେ ସ୍ମରଣ କରିବା; ଯାହାଙ୍କୁ ଗଜପତି ଦେଇଥିଲେ ମନ୍ଦିରର ହିସାବ-ନିକାଶ ଦାୟିତ୍ୱ। ଠିକ୍ ସେହିପରି 'ଚଉରାଶି'ରେ ତିନିଶହ ବିଶ୍ୱକର୍ମା ରହିବା ପୂର୍ବରୁ ଗଢ଼ିଉଠିଥିଲା ମା' ବାରାହୀଙ୍କ ମନ୍ଦିର। ମା' ଗଙ୍ଗେଶ୍ୱରୀ ଯଜ୍ଞରେ ପ୍ରତିଷ୍ଠା ପାଇଲାପରି ମା' ବାରାହୀ ମଧ୍ୟ ଯଜ୍ଞରେ ପ୍ରତିଷ୍ଠା ହୋଇଥିଲେ। ତାଙ୍କୁ କୁହାଯାଏ ଯଜ୍ଞବାରାହୀ। ଯଜ୍ଞ ହୋଇ ପବିତ୍ର ହୋଇଥିଲା ଗୋଲରାଗଡ଼। ସେଇଠି ରହୁଥିଲେ ତିନିଶହ ବିଶ୍ୱକର୍ମା। ଯଜ୍ଞ ଅନୁଷ୍ଠାନରେ ସେମାନେ ଯେଉଁ ଶକ୍ତିମୟୀଙ୍କୁ ପ୍ରତିଷ୍ଠା କରିଥିଲେ ସେ ଥିଲେ ଯଜ୍ଞବରୁଣେଇ। ଲିଭି ଲିଭି ଆସୁଛି ସେ ଐତିହ୍ୟ। ତିନିଶହ ବିଶ୍ୱକର୍ମା ଗଡ଼ରୂପାସରେ ରହୁଥିଲେ। ତାଙ୍କର ଉପାସ୍ୟ ଥିଲେ 'ବଡ଼ତାରା'। ବଡ଼ତାରାଙ୍କଠାରୁ ଗଡ଼ଦେବୀ ମା' କନକଦୁର୍ଗାଙ୍କୁ ମୁଣ୍ଡିଆ ମାରି ହତିଆର ଧରି ସେମାନେ ବାହାରି ଯାଉଥିଲେ 'ବଢ଼େଇଗୋହିରି' ଦେଇ ପଦ୍ମତୋଳା ଗଣ୍ଡ ନିକଟକୁ। ଏହି ଗଡ଼ର ଦଳବେହେରା ଆମ ଜାତିର ନମସ୍ୟ ପୁରୁଷ। ସେହି 'ବିଶ୍ୱାସପୁରୁଷ'ଙ୍କ ଉପରେ ଥିଲା ନିର୍ମାଣ ପରିଚାଳନା ଦାୟିତ୍ୱ। ଚାରି ଆସ୍ଥାନରୁ ଆସିଲେ ବି ଶେଷରେ ମା' ଭଗବତୀଙ୍କ ଆଶ୍ରିତ ହୋଇ କାମ ଆରମ୍ଭ କରୁଥିଲେ।